


ଆପଣା ଆହ୍ୱାନ ସଙ୍ଗେ ସାଲିସ ନ କରନ୍ତୁ

ଆଶିଷ୍ ରାଇଚୁର୍

କେବଳ ମାଗଣା ବଣ୍ଟନ ନିମନ୍ତେ
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ୱାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2025

ଯୋଗାଯୋଗ ସୂଚନା
All Peoples Church & World Outreach,
319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ, ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବିଏସି - ଓଡ଼ିଆ - ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ୱାରା ପ୍ରକାଶିତ । ଅନୁମତି ଦ୍ୱାରା ବ୍ୟବହୃତ । ସମସ୍ତ ଅଧିକାର ସଂରକ୍ଷିତ ଆର୍ଥିକ ସହଭାଗିତା ।

ଆର୍ଥିକ ସହଭାଗିତା
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧ୍ୟମରେ ସମୃଦ୍ଧ ହୋଇଅଛନ୍ତି, ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ। କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ୱରେ ଲେଖା ଥିବା "ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର" ପୃଷ୍ଠାଟି ଦେଖନ୍ତୁ ।

ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡ଼ିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ
ଉପଦେଶଗୁଡ଼ିକ: apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
ଚର୍ଚ୍ଚର ଆପ: apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
ଇ-ଶିକ୍ଷା: apcbiblecollege.org/elearn | **ପରାମର୍ଶ:** chrysalislife.org
ସଙ୍ଗୀତ: apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ: apcworldmissions.org

(Odia – Don't Compromise Your Calling)

ଆପଣା ଆହ୍ୱାନ ସଙ୍ଗେ ସାଲିସ ନ କରନ୍ତୁ

ସୂଚୀପତ୍ର

ଉପକ୍ରମଣିକା

1. ସଂସାରର ଜଞ୍ଜାଳ 1
2. ବାନ୍ଧି ରଖୁଥିବା ସମ୍ପର୍କସମୂହ 2
3. ଶୀତଳ ହୋଇଯାଇଥିବା ପ୍ରେମ 4
4. ଗ୍ରହଣଯୋଗ୍ୟ ହେବାର ଇଚ୍ଛା 5
5. ମନୁଷ୍ୟର ମାର୍ଗ ଅନୁସରଣ କରିବା 6
6. ବହୁମୂଲ୍ୟ ଆହ୍ୱାନ 7
7. ଭୟ—ଏକ ମାରାତ୍ମକ ଶତ୍ରୁ 9
8. ନିଷ୍ପତ୍ତି ଆପଣଙ୍କର 11

ଉପକ୍ରମଣିକା

ଆମ ପ୍ରତ୍ୟେକଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଯୋଜନା ରହିଛି। ଆମ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରୁ ଓ ଜାଣୁ ଯେ ଆମମାନଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କର ଆହ୍ୱାନ ହିଁ ତାଙ୍କର ନିର୍ଦ୍ଦିଷ୍ଟ ଯୋଜନା ଅଟେ। ଅଧିକନ୍ତୁ, ଆମେ ମଧ୍ୟ ଜାଣୁ ଯେ ଆମମାନଙ୍କ ନିମନ୍ତେ ରହିଥିବା ଈଶ୍ୱରଙ୍କ ଯୋଜନା ଆପେ ଆପେ ସଫଳ ହୋଇ ନ ଥାଏ। ଅନ୍ୟ ଭାଷାରେ କହିଲେ, ଆମମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାରେ ଆମର ନିର୍ଦ୍ଦିଷ୍ଟ ଭୂମିକା ରହିଥାଏ। ଈଶ୍ୱରଙ୍କ ଯୋଜନା ଯେପରି ଆମଠାରେ ଓ ଆମଦେଇ ପୂରଣ ହୋଇପାରିବ ସେଥିପାଇଁ ବ୍ୟକ୍ତିଗତ ଭାବରେ ଆମେ ଈଶ୍ୱରଙ୍କ ସହିତ ସହଯୋଗ କରିବାକୁ ହେବ।

ଆମେ ହୃଦୟଙ୍ଗମ କରିବା ଉଚିତ ଯେ ଈଶ୍ୱର ଆମକୁ ଆହ୍ୱାନ କରିବାର ଗୁରୁତ୍ୱ ବା ମହତ୍ତ୍ୱ ନୁହେଁ, ମାତ୍ର ସେହି ଆହ୍ୱାନକୁ ସଫଳ କରିବା ହିଁ ବଡ଼ ବିଷୟ। ଆମ ମଧ୍ୟରୁ ହୁଏତ ଅନେକେ "ବଡ଼" ବିଷୟମାନ କରିବାପାଇଁ, ଅନ୍ୟମାନେ "ଛୋଟ" ବିଷୟମାନ କରିବାପାଇଁ ଆହ୍ୱାନ ପାଇଅଛୁ। ମନୁଷ୍ୟ ଦୃଷ୍ଟିରେ ଏହା "ବଡ଼" ବା "ଛୋଟ" ମନେ ହୁଏ। କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ "ବଡ଼" ହେଉ ବା "ଛୋଟ" ହେଉ ଉଭୟ ସମାନ। ଯେଉଁମାନେ "ବଡ଼" ବିଷୟ ପାଇଁ ଆହୂତ ଓ ଯେଉଁମାନେ "ଛୋଟ" ବିଷୟ ପାଇଁ ଆହୂତ ଉଭୟେ ଯେପରି ସେମାନଙ୍କର ଆହ୍ୱାନକୁ ପୂରଣ କରନ୍ତି ଏଥିପାଇଁ ସେ ଆଗ୍ରହୀ ହୋଇଥାନ୍ତି। "ବଡ଼" ଓ "ଛୋଟ" ପରସ୍ପର ନିର୍ଭରଶୀଳ। ଜଣେ ବିଫଳ ହେଲେ ଅନ୍ୟଜଣକ ପ୍ରଭାବିତ ହୋଇଥାଏ। ଜଣେ "ବଡ଼" ପ୍ରଚାରକ ବହୁ ଲୋକଙ୍କ ଆଗରେ ପ୍ରଚାର କରୁଥିଲେ ମଧ୍ୟ ସେ "ଛୋଟ" ଅଜଣା ଟେକ୍ନିସିଆନ୍ ଉପରେ ନିର୍ଭର କରନ୍ତି କାରଣ ସେ ଡ଼ାକବାଜି ଯନ୍ତ୍ର ଓ ଧ୍ୱନି ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ। ଯଦି ଟେକ୍ନିସିଆନ୍ ଜଣକ ତାହା ନ କରେ ବା ଠିକ୍ ଭାବରେ ନ କରେ ତେବେ କ'ଣ ହେବ?

ତଥାପି, ଆମେ ସମସ୍ତେ "ବଡ଼" ବା "ଛୋଟ" ଯେଉଁ କାର୍ଯ୍ୟ କରିବାକୁ ଆହ୍ୱାନ ପାଇଛୁ ତାହା ସମ୍ପାଦନ କରିବାବେଳେ ଅନେକ ବାଧାବିଘ୍ନର ସାମ୍ନା କରିବା, ଯଦ୍ଦ୍ୱାରା ଈଶ୍ୱରଙ୍କ ଆହ୍ୱାନକୁ ଆମେ ହୁଏତ ପୂରଣ କରିପାରିବା ନାହିଁ। ଶୟତାନ

ମଧ୍ୟ ଈଶରଙ୍କ ଆହ୍ୱାନ କାର୍ଯ୍ୟକାରୀ ନ କରିବା ଦିଗରେ ଆମର ବାଧା ଜନ୍ମାଏ। ଆମ ମଧ୍ୟରୁ ଅନେକେ ଈଶ୍ୱରଙ୍କ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରଥମେ ଉଦଯୋଗୀ ଥିଲେ, କିନ୍ତୁ ପରେ ସେଥିରେ ସାଲିସ କରି ସେହି ଯୋଜନାର ଆଉ ଅନୁସରଣ କରୁନାହାନ୍ତି। ଆମେ ପଥ ମଧ୍ୟରେ କେଉଁଠି ଅଟକି ଯାଇଛୁ। ହୁଏତ ଆମର ଚିତ୍ତ ବିକ୍ଷେପ ଘଟିଛି, ଫଳରେ ଆମେ ଆଉ ଈଶ୍ୱରଙ୍କ ରାଜ୍ୟର ଅନ୍ୱେଷଣ ନ କରି ବ୍ୟକ୍ତିଗତ ସଫଳତା, ଧନସମ୍ପତ୍ତି ବା ଅନ୍ୟାନ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ଆମର ଶକ୍ତିର ବିନିଯୋଗ କରୁଛୁ। ଆମ ମଧ୍ୟରୁ ଅନେକେ ଆମ ଦୈନନ୍ଦିନ ଜୀବନର ବ୍ୟାପାରସବୁରେ ଏତେ ବ୍ୟସ୍ତ ରହୁଛୁ ଯେ ସ୍ୱର୍ଗୀୟ ଆହ୍ୱାନର ଉତ୍ତର ଦେଇ ପାରୁ ନାହୁଁ। ଆମେ ଈଶ୍ୱରଙ୍କଠାରୁ ଯେଉଁସବୁ ବାକ୍ୟ ପ୍ରାପ୍ତ ହୋଇଛୁ, ପବିତ୍ର ଆତ୍ମା ଆମକୁ ଯେଉଁସବୁ ସ୍ୱପ୍ନ ଓ ଦର୍ଶନ ଦେଖାଇଛନ୍ତି ସେସବୁକୁ ଆମେ ଉପେକ୍ଷା କରୁଛୁ। ସେସବୁକୁ ଆମେ ହୁଏତ ଭୁଲିଯାଇଛୁ କିଅବା ଭୟ ବା ଅବିଶ୍ୱାସ ହେତୁ ଉଦ୍ଦେଶ୍ୟମୂଳକ ଭାବରେ ସେଗୁଡ଼ିକୁ ଆମେ ଜାଣିଶୁଣି ଅଗ୍ରାହ୍ୟ କରିଛୁ। ଏହି ପୁସ୍ତକର ଉଦ୍ଦେଶ୍ୟ ଆମମାନଙ୍କୁ ପୁନଃ ପ୍ରଜ୍ୱଳିତ କରିବା। ଏଥିରେ ଚେତାବନୀ ଦିଆଯାଇଛି ଯେ ଆମେ କୌଣସି ନା କୌଣସି ଫାନ୍ଦରେ ପଡ଼ିଯିବା, ଯଦ୍ଦ୍ୱାରା ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିବା ଓ ଆମର ଗନ୍ତବ୍ୟ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିବା ଦିଗରେ ଆମେ ଅସଫଳ ହେବା।

ଈଶ୍ୱର ମଙ୍ଗଳ କରନ୍ତୁ!

ଆଶିଷ୍ ରାଇଚୁର୍

1
ସଂସାରର ଜଞ୍ଜାଳ

ପ୍ରେରିତ ପାଉଲ ସଙ୍ଗେ ମିଶି ଅନେକେ କାର୍ଯ୍ୟ କରିଥିଲେ ବା ଅନେକେ ତାଙ୍କ ସେବାକାର୍ଯ୍ୟରେ ତାଙ୍କର ସହଯୋଗୀ ଥିଲେ। ସେ ସେମାନଙ୍କର ନାମସବୁ ତାଙ୍କ ପତ୍ରସବୁରେ ଉଲ୍ଲେଖ କରନ୍ତି। ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ ପାଉଲ ତିନୋଟି ବିଭିନ୍ନ ସ୍ଥାନରେ ଲେଖିଛନ୍ତି। ଫିଲୀମୋନଙ୍କ ନିକଟକୁ ଲିଖିତ ପତ୍ରରେ ସେ ଦୀମା ନାମକ ଜଣେ "ସହକର୍ମୀଙ୍କ" ବିଷୟରେ ଲେଖନ୍ତି (ଫିଲୀମୋନ 1:24) ଏବଂ କଲସୀୟ ମଣ୍ଡଳୀ ନିକଟକୁ ଲିଖିତ ପତ୍ରରେ ମଧ୍ୟ ଏହି ନାମ ଉଲ୍ଲେଖ କରନ୍ତି (କଲସୀ 4:14)। ତେବେ ଏହା ପରେ ଶେଷଥର ପାଇଁ ପାଉଲ ଦୀମାଙ୍କ ନାମ ଉଲ୍ଲେଖ କରି ତୀମଥିଙ୍କ ନିକଟକୁ ଲେଖନ୍ତି, *"କାରଣ ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି ମୋତେ ପରିତ୍ୟାଗ କରିଅଛି ଓ ଥେସଲନୀକୀକୁ ଯାଇଅଛି; ..."* (2 ତୀମଥି 4:10)। କଳ୍ପନା କରନ୍ତୁ ଯେ ପାଉଲଙ୍କ ସଙ୍ଗେ ମିଶି ରହିଥିଲେ ଓ ତାଙ୍କର ସହକର୍ମୀ ଥିଲେ, ସେ କିପରି ଜଗତର ପ୍ରବଞ୍ଚନାରେ ପଡ଼ି ସେବାକାର୍ଯ୍ୟକୁ ଓ ପ୍ରେରିତଙ୍କୁ ପରିତ୍ୟାଗ କଲେ ଏବଂ ଜଗତରେ ନିଜର ଯୋଜନା ମୁତାବକ କାର୍ଯ୍ୟ କରିବାକୁ ଚାଲିଗଲେ।

ଜଗତର ସମସ୍ତ ଆକର୍ଷଣ ଓ ଜଞ୍ଜାଳରୁ ଯେପରି ଦୂରେଇ ରହିବା ଏଥିନିମନ୍ତେ ଆମେ ସମସ୍ତେ ଆମମାନଙ୍କ ହୃଦୟକୁ ଅତି ଯତ୍ନରେ ରଖିବା ଆବଶ୍ୟକ। ଗୋଟିଏ ପକ୍ଷରେ, ଜୀବନ ଯଦି ସହଜ ଓ ସୁଖସ୍ୱାଚ୍ଛନ୍ଦ୍ୟମୟ ଅଟେ ଆମେ ଆମ ସ୍ୱର୍ଗୀୟ ଆହ୍ୱାନର ଅନୁସରଣ କରିବାକୁ ଭୁଲି ଯାଇପାରୁ। ଅନ୍ୟପକ୍ଷରେ, ଜୀବନ ଯଦି ସମସ୍ୟା ଓ ଜଞ୍ଜାଳରେ ଜର୍ଜରିତ, ତେବେ ସେସବୁରୁ ବାହାରି ଆସିବା ପାଇଁ ଆମେ ସଂଘର୍ଷ କରି ଶେଷରେ ସଫଳତା ପାଉ, କିନ୍ତୁ ଆମର ଆହ୍ୱାନକୁ ଅବହେଳା କରୁ। ଯୀଶୁ କହନ୍ତି, *"... ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପିପକାଏ ଓ ତାହା ଫଳହୀନ ହୁଏ"* (ମାର୍କ 4:19)। ସାଂସାରିକ ସମସ୍ୟାସକଳ ବା ଏହାର ସୁଖସନ୍ତୋଷସବୁ ଆପଣଙ୍କୁ ଈଶ୍ୱରଙ୍କ ବାକ୍ୟଠାରୁ ବିମୁଖ ନ କରୁ, ଯାହା ଈଶ୍ୱର ଆପଣଙ୍କ ଜୀବନ ନିମନ୍ତେ କହିଛନ୍ତି!

2
ବାନ୍ଧି ରଖୁଥିବା ସମ୍ପର୍କସମୂହ

ପରିବାର ଓ ବନ୍ଧୁବାନ୍ଧବ ରହିବା ଆନନ୍ଦର ବିଷୟ କାରଣ ସେମାନେ ଆମକୁ ପ୍ରେମ କରନ୍ତି ଓ ଆମର ଯତ୍ନ ନିଅନ୍ତି। ତେବେ ସେହିମାନେ ହିଁ ଆମକୁ ଏପରି ବାନ୍ଧି ରଖନ୍ତି ଯେ ସେମାନେ ଆମକୁ ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରିବାକୁ ଦେଇ ନ ଥାନ୍ତି। ଅନେକ ଯୁବକ ଯୁବତୀ ସେମାନଙ୍କର ପିତାମାତାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ସେମାନଙ୍କର ସ୍ୱର୍ଗୀୟ ଆହ୍ୱାନ ସଙ୍ଗେ ସାଲିସ କରି ଅନ୍ୟସବୁ ବିଷୟର ଅନୁସରଣ କରନ୍ତି, ଯାହା ଈଶ୍ୱରଙ୍କ ଇଚ୍ଛାର ବାହାରେ। ଲୂକ ଲିଖିତ ସୁସମାଚାରରେ ଏପରି ଲେଖାଯାଏ—*"ପୁଣି ସେ ଆଉ ଜଣକୁ କହିଲେ, ମୋହର ଅନୁଗମନ କର। କିନ୍ତୁ ସେ କହିଲେ, ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ। ମାତ୍ର ସେ ତାହାଙ୍କୁ କହିଲେ, ମୃତମାନଙ୍କୁ ଆପଣା ଆପଣା ମୃତ ଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର । ଆଉ ଜଣେ ମଧ୍ୟ କହିଲେ, ପ୍ରଭୁ, ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର ଗୃହରେ ଥିବା ଲୋକମାନଙ୍କଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ। କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ଯେ ଲାଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ"* (ଲୂକ 9:59-62)।

ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ପାରିବାରିକ ଦାୟିତ୍ୱସବୁରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଏହାକୁ ପ୍ରଥମ ସ୍ଥାନ ଦେବାକୁ ହେବ। ଏହାର ଅର୍ଥ ନୁହେଁ ଯେ ଆମର ପରିବାର ପ୍ରତି ଆମେ ଦାୟିତ୍ୱଶୂନ୍ୟ ରହିବା ବା ଏହାକୁ ଅବହେଳା କରିବା। କିନ୍ତୁ ଅଗ୍ରାଧିକାର ଭିତ୍ତିରେ ଈଶ୍ୱରଙ୍କ ଆହ୍ୱାନ ପ୍ରଥମ ସ୍ଥାନରେ ରହିବ। ପ୍ରଭୁଙ୍କ ପ୍ରତି ଓ ତାହାଙ୍କ ରାଜ୍ୟ ପ୍ରତି ଆମର ସମର୍ପଣ ଆମର ଯେକୌଣସି ପାର୍ଥିବ ସମ୍ପର୍କର ଆଗରେ ରହିବାକୁ ହେବ। *"କେହି ଯେବେ ମୋ' ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ"* (ଲୂକ 14:26)। ଏହି ସମ୍ପର୍କସମୂହ ଓ ବନ୍ଧୁତାସବୁ କ'ଣ

ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରିବାରୁ ଆମକୁ ବାଧା ଦେଉଛି? ହୁଏତ ଆମେ ଠିକ୍ ଭାବରେ ଆରମ୍ଭ କରିଥିଲୁ, କିନ୍ତୁ ଅଜ୍ଞାଣତରେ, ପାର୍ଥିବ ସମ୍ପର୍କସବୁ ତୁଳନାରେ ଯୀଶୁଙ୍କୁ ଅଗ୍ରାଧିକାର ଦିଆଗଲା ନାହିଁ। ଏହାକୁ ଶୃଙ୍ଖଳିତ କରିବାକୁ ହେବ! ପାର୍ଥିବ ସମ୍ପର୍କସବୁ ହେତୁ ଆମେ ଈଶ୍ୱରଙ୍କ ଆହ୍ୱାନକୁ ଭୁଲିଯାଇ ନ ପାରୁ।

3
ଶୀତଳ ହୋଇଯାଇଥିବା ପ୍ରେମ

ଆଜି ଈଶ୍ୱରଙ୍କ ନିମନ୍ତେ ଆପଣଙ୍କ ଉଦଯୋଗ କେତେ ଦୂର ଦୃଢ? ପ୍ରଭୁଙ୍କ ଗୃହ ପାଇଁ ଓ ଈଶ୍ୱରଙ୍କ ବିଷୟସବୁ ନିମନ୍ତେ ଆପଣ ସମ୍ପୂର୍ଣ୍ଣ ଉଦଯୋଗୀ ଅଟନ୍ତି କି? ଯୀଶୁଙ୍କ ବିଷୟରେ ଲେଖାଯାଏ, *"ତୁମ୍ଭ ଗୃହ ନିମନ୍ତେ ଉଦଯୋଗ ମୋତେ ଗ୍ରାସ କରିବ"* (ଗୀତସଂହିତା 69:9; ଯୋହନ 2:17)। ଈଶ୍ୱରଙ୍କ ଅନ୍ୱେଷଣ କରିବା ଓ ତାଙ୍କର ସେବା କରିବାକୁ ଆପଣ ଅଗ୍ରାଧିକାର ନ ଦେଇ ନିଜର ସୁବିଧା ଅନୁସାରେ ତାହା କରନ୍ତି କି? ସମୟ ମିଳିଲେ ପ୍ରାର୍ଥନା କରନ୍ତି କି ଅଥବା ପ୍ରାର୍ଥନା ନିମନ୍ତେ ସମୟ ନିରୂପଣ କରି ରଖିଛନ୍ତି? ବିବେକକୁ ସନ୍ତୁଷ୍ଟ କରିବାକୁ ଯାଇ ଧର୍ମୀୟ ଦାୟିତ୍ୱ ପୂରଣ କରିବା ନିମନ୍ତେ ଆପଣ ଚର୍ଚ୍ଚକୁ ଯାଇଥାନ୍ତି କିଅବା ଆନନ୍ଦ ମନରେ ଯାଇଥାନ୍ତି? ଗୀତରଚକ ନିଜ ହୃଦୟର କଥା ଏପରି ଭାବରେ ପ୍ରକାଶ କରନ୍ତି, *"ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀବନ ସଦାପ୍ରଭୁଙ୍କ ଗୃହରେ ବାସ କରିବି, ଏହି ଏକ ବିଷୟ ମୁଁ ସଦାପ୍ରଭୁଙ୍କ ନିକଟରେ ମାଗିଅଛି, ତାହା ହିଁ ମୁଁ ଅନ୍ୱେଷଣ କରିବି"* (ଗୀତସଂହିତା 27:4)। ଆପଣ ହୁଏତ କହନ୍ତି ଆପଣ ପ୍ରଭୁଙ୍କୁ ପ୍ରେମ କରନ୍ତି, କିନ୍ତୁ ସେହି ପ୍ରେମରେ ଅଗ୍ନି ନାହିଁ ଯାହା ଆଗରୁ ରହିଥିଲା। ଯେଉଁ ପ୍ରେମ ଶୀତଳ ହୋଇଯାଇଛି ତାହା ନିଜର ସୁବିଧା ଅନୁସାରେ ହିଁ କିଛି କରେ, ସେ ଯେପରି ଆଦେଶ କରନ୍ତି, ତଦନୁସାରେ ନୁହେଁ। ଆପଣ ଯଦି ସୁବିଧା ମିଳିଲେ କିଛି କାର୍ଯ୍ୟ କରନ୍ତି, କିନ୍ତୁ ପ୍ରଭୁଙ୍କ ଆଦେଶ ଅନୁସାରେ କିଛି କରନ୍ତି ନାହିଁ, ତେବେ ଆପଣ ତାଙ୍କର ଆହ୍ୱାନକୁ ପୂରଣ କରିପାରିବେ ନାହିଁ।

ଯଦି ଆମେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା, ତେବେ ଆମେ ପ୍ରଭୁଙ୍କୁ ଆମର ସମସ୍ତ ହୃଦୟ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତିରେ ପ୍ରେମ କରିବାକୁ ହେବ (ମାର୍କ 12:30)। ତାହାଙ୍କୁ ସମ୍ପୂର୍ଣ୍ଣ ହୃଦୟର ସହିତ ଅନ୍ୱେଷଣ କରିବାକୁ ଆମେ ନିଜକୁ ପୁନଃ ପ୍ରଜ୍ୱଳିତ କରିବାକୁ ହେବ। ତାଙ୍କୁ ଆମର ସର୍ବୋତ୍ତମ ଅର୍ପଣ କରିବାକୁ ହେଲେ ଆମକୁ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ।

4
ଗ୍ରହଣଯୋଗ୍ୟ ହେବାର ଇଚ୍ଛା

ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନର ଅନୁସରଣ କରୁଥିବା ହେତୁ ଅନ୍ୟମାନେ ଆମକୁ ପସନ୍ଦ, ତାରିଫ୍ ବା ପ୍ରଶଂସା କରି ନ ପାରନ୍ତି। ଆମେ ଯଦି ଲୋକଙ୍କ ଦୃଷ୍ଟିରେ ଗ୍ରହଣୀୟ ହେବାକୁ ଚାହିଁବା, ସେମାନେ ଆମର ପାଖ ଲୋକ ହୁଅନ୍ତୁ ପଛକେ, ଆମେ ନିରାଶ ହେବା। ତା' ହେଲେ, ଆମେ ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ମୁକ୍ତ ଭାବରେ କିଛି କରିପାରିବା ନାହିଁ। ସ୍ୱର୍ଗସ୍ଥ ପିତାଙ୍କୁ ସନ୍ତୁଷ୍ଟ କରିବା ଆମର ପ୍ରାଥମିକତା ହେବା ଆବଶ୍ୟକ। ଯୀଶୁ କହନ୍ତି, *"ତୁମ୍ଭେମାନେ କିପରି ବିଶ୍ୱାସ କରିପାର? ତୁମ୍ଭେମାନେ ତ ପରସ୍ପରଠାରୁ ଗୌରବ ଗ୍ରହଣ କରୁଅଛ, ପୁଣି ଏକମାତ୍ର ଈଶ୍ୱରଙ୍କଠାରୁ ଯେଉଁ ଗୌରବ, ତାହା ପାଇବା ପାଇଁ ଚେଷ୍ଟା କରୁ ନାହଁ"* (ଯୋହନ 5:41,44)। ବହୁତ ଲୋକ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରନ୍ତି, କାରଣ ସେମାନେ ନିଜକୁ ଏପରି ସ୍ଥାନରେ ରଖନ୍ତି ଯେଉଁଥିରେ ସେମାନେ ଲୋକମାନଙ୍କୁ ବା ସଂଗଠନସବୁକୁ (ଏପରିକି ସମ୍ପ୍ରଦାୟସବୁକୁ) ତୁଷ୍ଟ କରିଥାନ୍ତି। ତେଣୁକରି, ଈଶ୍ୱର ଯେତେବେଳେ ସେମାନଙ୍କୁ କିଛିଟା ନୂତନ, କିଛିଟା ଭିନ୍ନ, କିଛିଟା ଅଜଣା ବିଷୟ କରିବାକୁ କହନ୍ତି, ସେମାନେ ଅଗ୍ରାହ୍ୟ ହେବାର ଭୟରେ ଆଗକୁ ଆସି ଆଜ୍ଞା ପାଳନ କରିପାରି ନ ଥାନ୍ତି। ଆମେ ମୂର୍ଖତାର ସପକ୍ଷରେ ନୋହୁଁ, କାରଣ ତଦ୍ଦ୍ୱାରା ଆମେ ଯାହା ଇଚ୍ଛା ତାହା କରିଥାଉ ଯଦିବା ଈଶ୍ୱରପରାୟଣ ଲୋକମାନେ ସେସବୁକୁ ବିରୋଧ କରିଥାନ୍ତି। କହିବାର ତାତ୍ପର୍ଯ୍ୟ ହେଉଛି, ଆମେ ମନୁଷ୍ୟମାନଙ୍କ ପ୍ରଶଂସାର ଉର୍ଦ୍ଧ୍ୱକୁ ଉଠି ଈଶ୍ୱରଙ୍କର ଆଜ୍ଞାକାରୀ ହେବାକୁ ହେବ। ଆଜି ଆପଣ କେଉଁଠି ଅଛନ୍ତି? ମନୁଷ୍ୟମାନଙ୍କର ପ୍ରଶଂସା ଆବଶ୍ୟକ ନ କରି ଆପଣ ଈଶ୍ୱରଙ୍କ ଆହ୍ୱାନ ପୂରଣ କରିବାପାଇଁ ସମର୍ଥ ଅଟନ୍ତି କି?

5
ମନୁଷ୍ୟର ମାର୍ଗ ଅନୁସରଣ କରିବା

ଆମ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ ବିଷୟରେ ଆମେ ସ୍ୱର୍ଗୀୟ ନିର୍ଦ୍ଦେଶ ପ୍ରାପ୍ତ ହେବା ଆବଶ୍ୟକ। ସେହିପରି ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ମଧ୍ୟ ଈଶ୍ୱରଙ୍କ ନିର୍ଦ୍ଦେଶ ପ୍ରାପ୍ତ ହେବାର ଆବଶ୍ୟକତା ରହିଛି। ନିଜର ପ୍ରଣାଳୀ ଅନୁସରଣ କରି ଆମେ ଏକ ସ୍ୱର୍ଗୀୟ ଆହ୍ୱାନକୁ ପୂରଣ କରିପାରିବା ନାହିଁ। ପ୍ରେରିତ ପାଉଲ ଲେଖନ୍ତି, *"କିନ୍ତୁ ଯେ ମୋହର ମାତାଙ୍କ ଉଦରରୁ ମୋତେ ପୃଥକ୍ କରିଥିଲେ ଓ ଆପଣା ଅନୁଗ୍ରହରେ ମୋତେ ଆହ୍ୱାନ କଲେ, ସେ ଯେତେବେଳେ ଆପଣା ପୁତ୍ରଙ୍କୁ ମୋ'ଠାରେ ପ୍ରକାଶ କରିବା ନିମନ୍ତେ ସନ୍ତୁଷ୍ଟ ହେଲେ, ଯେପରି ମୁଁ ବିଜାତିମାନଙ୍କ ମଧ୍ୟରେ ତାହାଙ୍କୁ ପ୍ରଚାର କରେ, ସେତେବେଳେ ମୁଁ ମନୁଷ୍ୟ ସହିତ ପରାମର୍ଶ ନ କରି"* (ଗାଲାତୀୟ 1:15,16)। ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାପାଇଁ ଆମେ ଯାହାସବୁ କରୁ ତହିଁର ଧାରଣା, ପ୍ରଣାଳୀ, କାର୍ଯ୍ୟକ୍ରମ ଓ କୌଶଳ ଈଶ୍ୱର ଆମ ହୃଦୟରେ ସ୍ଥାପନ କରିଛନ୍ତି କିଅବା ସେସବୁ ଆମ ନିଜର? ସେସବୁ ସ୍ୱର୍ଗରୁ ଆଗତ ଅଥବା ଶାରୀରିକ? ସେସବୁର ପଛରେ ରହିଥିବା ଅଭିପ୍ରାୟ କ'ଣ? ଆମେ ଆତ୍ମାଙ୍କର ଅନୁସରଣ କରୁଛୁ ଅଥବା ମନୁଷ୍ୟର?

ଆମେମାନେ ଆମର ଧାରଣାସବୁକୁ ପବିତ୍ର ଆତ୍ମାଙ୍କ ଚାଳନା ନିକଟରେ ସମର୍ପଣ କରିବା ଆବଶ୍ୟକ। ପ୍ରଭୁଙ୍କ ସେବା କରିବାକୁ ଓ ତାଙ୍କ ରାଜ୍ୟ ନିମନ୍ତେ କାର୍ଯ୍ୟ କରିବା ପାଇଁ ଆମର ଉଦଯୋଗ ରହିଥିବା ଆବଶ୍ୟକ, ତେବେ ତାହା ତାହାଙ୍କର ଆତ୍ମାଙ୍କ ଚାଳନା ନିକଟରେ ସମର୍ପିତ ହୋଇଥିବା ଆବଶ୍ୟକ। ଅନ୍ୟମାନେ "ଯାଉଛନ୍ତି" ବୋଲି ଆମେ "ଯିବା" ବା କେହି ଆମକୁ କହିଲେ ବୋଲି ଆମେ "ଯିବା" ଯଥାର୍ଥ ନୁହେଁ। ଈଶ୍ୱର ଆମକୁ ପ୍ରେରଣ କରୁଛନ୍ତି ବୋଲି ଆମେ "ଯିବା" ଓ ସେ ଯେଉଁଠାକୁ ଆମକୁ ପଠାଉଛନ୍ତି ଆମକୁ ସେଠାକୁ ଯିବାକୁ ହେବ। ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାର ଚାବି ହେଉଛି ତାଙ୍କର ଚାଳନାକୁ ପ୍ରତି ପଦକ୍ଷେପରେ ଅନୁସରଣ କରିବା।

6
ବହୁମୂଲ୍ୟ ଆହ୍ୱାନ

ଈଶ୍ୱରଙ୍କ ଆହ୍ୱାନ ମୂଲ୍ୟବିହୀନ ନୁହେଁ। ଅନେକ ତ୍ୟାଗସ୍ୱୀକାର କରିବାକୁ ହେବ, ଅନେକ ତାଡ଼ନା ଓ କଠିନତାର ସାମ୍ନା କରିବାକୁ ହେବ, ଅନେକ କ୍ଷତିଭୟ ବି ରହିଛି, ଇତ୍ୟାଦି। ତାଙ୍କର ଅନୁଗମନ କରିବାକୁ ହେଲେ ଯେଉଁ ମୂଲ୍ୟ ଦେବାକୁ ହେବ ସେ ବିଷୟରେ ଯୀଶୁ କହନ୍ତି। ବ୍ୟୟ ଅଟକଳ କରିବା ବିଷୟରେ ସେ ଆମକୁ କହନ୍ତି।

ଲୂକ 14:28-33

28 କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସମ୍ପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ ଦେଖିବ ନାହିଁ?

29 କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ, ଯେତେ ଲୋକ ତାହା ଦେଖିବେ, ସମସ୍ତେ ତାହାକୁ ପରିହାସ କରି କହିବାକୁ ଲାଗିବେ,

30 ଏ ଲୋକଟା ତୋଳିବାକୁ ଆରମ୍ଭ କରି ଶେଷ କରି ପାରିଲା ନାହିଁ।

31 କିମ୍ବା କେଉଁ ରାଜା ଅନ୍ୟ ଜଣେ ରାଜାଙ୍କ ସହିତ ଯୁଦ୍ଧ କରିବାକୁ ଯାଉଥିବା ସମୟରେ, କୋଡ଼ିଏ ହଜାର ସୈନ୍ୟ ଘେନି ତାଙ୍କ ବିରୁଦ୍ଧରେ ଆସୁଥିବା ରାଜାଙ୍କ ସହିତ ଦଶ ହଜାର ସୈନ୍ୟ ନେଇ ଯୁଦ୍ଧ କରିବାକୁ ସକ୍ଷମ କି ନାହିଁ, ତାହା ପ୍ରଥମେ ବସି ବିବେଚନା କରିବେ ନାହିଁ?

32 ଯଦି ପାରନ୍ତି ନାହିଁ, ତେବେ ଅନ୍ୟ ରାଜା ଦୂରରେ ଥାଉ ଥାଉ ସେ ଦୂତ ପଠାଇ ସନ୍ଧି ପ୍ରାର୍ଥନା କରନ୍ତି।

33 ସେହିପ୍ରକାରେ ତୁମ୍ଭମାନଙ୍କ ମଧ୍ୟରୁ ଯେକେହି ଆପଣାର ସର୍ବସ୍ୱ ତ୍ୟାଗ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ

ଯୀଶୁଙ୍କର ଅନୁଗମନ କରିବାର ମୂଲ୍ୟ କ'ଣ? ସବୁକିଛି! ଯୀଶୁ କହନ୍ତି ଆମେ ସବୁକିଛି ତ୍ୟାଗ କରିବାକୁ ହେବ। "ତ୍ୟାଗ କରିବାର" ଅର୍ଥ କ'ଣ? ଆମେ ଆଉ ତା'କୁ ନିଜର ବୋଲି ମନେ କରିବା ନାହିଁ। ତାହା ଈଶ୍ୱରଙ୍କର ଏବଂ ଆମର ଯାହା ଅଛି ତାକୁ ନେଇ ସେ ଯାହା ଇଚ୍ଛା କରନ୍ତି ତାହା କରିବାକୁ ଆମକୁ କହି ପାରନ୍ତି। ଆମର ଯାହା ଅଛି ବା କେତେ ପରିମାଣରେ ଅଛି ତାହାର ଗୁରୁତ୍ୱ ନାହିଁ। ଆମେ କ'ଣ ସେସବୁକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଇଛୁ କି? କିଅବା ଆମର ଧନସମ୍ପତ୍ତି, ଯୋଜନା, ସ୍ୱପ୍ନ, ଆଶା ଆକାଂକ୍ଷା, ସମ୍ପର୍କ, ଅଭ୍ୟାସସବୁକୁ ଯଦି ଈଶ୍ୱର ପରିତ୍ୟାଗ କରିବାକୁ ବା ଦେଇଦେବାକୁ କହିବେ ଆମେ କ'ଣ ତାହା କରିପାରିବା? ଆମର ଅର୍ଥ ଈଶ୍ୱରଙ୍କର

ବା କେବଳ ଆମର? ଈଶ୍ୱର କ'ଣ ଆମର ଅର୍ଥ ସମ୍ପର୍କରେ ଆମକୁ କହିପାରିବେ ଯେ ସେହି ଅର୍ଥକୁ ନେଇ ଆମେ କ'ଣ କରିବାକୁ ହେବ ବୋଲି ସେ ଚାହାନ୍ତି? ସେ ଯେଉଁଠାରେ ବୁଣିବାକୁ ଚାହାନ୍ତି ଆମେ ସେଠାରେ ବୁଣିପାରିବା କି? ଆମେ କେଉଁ ପରିମାଣରେ ଦେଉଛୁ ତାହା ବଡ଼ କଥା ନୁହେଁ, କିନ୍ତୁ ଆମେ ଯାହା ତ୍ୟାଗ କରିପାରୁ ନାହୁଁ ତାହା ନିର୍ଦ୍ଧାରଣ କରିବ ଆମେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିଛୁ କି ନାହିଁ। ଅନେକେ ବହୁତ କିଛି ପରିତ୍ୟାଗ କରିଛନ୍ତି, କିନ୍ତୁ କ୍ଷୁଦ୍ର କେତେକ ବିଷୟ ସେମାନେ ପରିତ୍ୟାଗ କରିନାହାନ୍ତି, ଯଦ୍ଦ୍ୱାରା ସେମାନଙ୍କ ଜୀବନରେ ଈଶ୍ୱରଙ୍କର ଯେଉଁ ଆହ୍ୱାନ ରହିଛି ସେଥିରେ ପରିପୂର୍ଣ୍ଣତା ଆସିପାରୁ ନାହିଁ। ସେହି କ୍ଷୁଦ୍ର ବିଷୟସବୁକୁ ତ୍ୟାଗ କରିବାର ମୂଲ୍ୟ ଅନ୍ୟ ସମସ୍ତ ତ୍ୟାଗ କରିବାର ମୂଲ୍ୟଠାରୁ ଅଧିକ। କିନ୍ତୁ ଈଶ୍ୱର ତାହାହିଁ ଚାହୁଁଛନ୍ତି। ସେହି ମୂଲ୍ୟ କ'ଣ ଏତେ ବଡ଼ ଯେ ଆପଣ ତାହା ଦେଇପାରିବେ ନାହିଁ? ମନେ ରଖନ୍ତୁ ଆମ ଜୀବନକୁ ଯଦି ପିତା ଅନୁମୋଦନ କରୁଛନ୍ତି, ତା'ର ପୁରସ୍କାର ବହୁତ ବେଶୀ। ଆପଣ କ'ଣ ସେହି ମୂଲ୍ୟ ଦେଇ ଆପଣଙ୍କ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବେ?

7
ଭୟ—ଏକ ମାରାତ୍ମକ ଶତ୍ରୁ

ଅଧିକାଂଶ ଲୋକ ଭୟ ହେତୁ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରିଥାନ୍ତି—ବିଫଳତାର ଭୟ, ଭବିଷ୍ୟତର ଭୟ, ଅଭାବର ଭୟ, ମନୁଷ୍ୟର ଭୟ। ସେମାନେ ଆଗଭର ହୋଇ ଈଶ୍ୱରଙ୍କ ଆହ୍ୱାନର ଉତ୍ତର ଦେବାକୁ ସାହସିକ ହୁଅନ୍ତି ନାହିଁ, କାରଣ ଭୟ ସେମାନଙ୍କୁ ବାନ୍ଧି ରଖିଥାଏ। ଅନେକେ ଭାବୁଥାଇପାରନ୍ତି, "ଈଶ୍ୱର ମୋତେ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ସେଠାରେ ମଣ୍ଡଳୀ ସ୍ଥାପନ କରିବାକୁ ଚାହାନ୍ତି, କିନ୍ତୁ ମୁଁ ଯଦି ତାହା କରି ନ ପାରେ କ'ଣ ହେବ? ଯଦି ମଣ୍ଡଳୀ ବୃଦ୍ଧି ନ ପାଇବ?" ବିଫଳତାର ଭୟ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଦେଇ ନ ଥାଏ। ଆମେ ମନେ ରଖିବାକୁ ହେବ ଯେ ଈଶ୍ୱର ଆମକୁ ଜୟ ପ୍ରଦାନ କରିଥାନ୍ତି (2 କରିନ୍ଥୀୟ 2:14)। ତେଣୁ, ଆମେ ଈଶ୍ୱରଙ୍କ ଉପରେ ନିର୍ଭର କରୁ। ଈଶ୍ୱରଙ୍କ ଦୃଷ୍ଟିକୋଣରୁ ଆମେ ସଫଳତା ଓ ବିଫଳତାକୁ ଦେଖିବାକୁ ହେବ। ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ଓ ସେ ଆମକୁ ଯାହା କରିବାକୁ ଆଦେଶ ଦେଇଛନ୍ତି ତାହା ପୂରଣ କରିବା ହିଁ ସଫଳତା। ସଫଳତା ସଂଖ୍ୟାରେ, କାର୍ଯ୍ୟସମ୍ପନ୍ନ କରିବାରେ ଓ ସୁନାମ ଅର୍ଜ୍ଜନ କରିବାରେ ଆସି ନ ଥାଏ।

ଅନେକେ ଭବିଷ୍ୟତ ବିଷୟରେ ମଧ୍ୟ ଭୟ କରିଥାନ୍ତି। ସେମାନେ ଭାବନ୍ତି, "ଈଶ୍ୱର ଏବେ ମୋତେ ଯାହା କରିବାକୁ କହୁଛନ୍ତି ତାହା ଯଦି ମୁଁ କରେ, ଏହା ପରେ କ'ଣ ହେବ?" ସେମାନେ ଭୟ କରିଥାନ୍ତି କାରଣ ସେମାନେ ଭବିଷ୍ୟତକୁ ଦେଖି ପାରି ନ ଥାନ୍ତି। ଈଶ୍ୱର ସବୁବିଷୟ ଥରକେ ଆମକୁ ଦେଖାଇ ନ ଥାନ୍ତି। ସେ ଥରକେ ଗୋଟିଏ ପାଦ ଆଗକୁ ନେବା ପାଇଁ ଆମକୁ ଚାଳନା ଦେଇଥାନ୍ତି। ଈଶ୍ୱର ଆରମ୍ଭରୁ ଶେଷ କିପରି ହେବ ତାହା ଜାଣନ୍ତି। ଏହା ପରେ କ'ଣ ଘଟିବ, ତାହା ସେ ଜାଣନ୍ତି। ଆମର କର୍ତ୍ତବ୍ୟ, ଜୀବନର ଏହି ସମୟରେ ତାଙ୍କ ଉପରେ ନିର୍ଭର ରଖିବା ଓ ସେ ଯାହା ଚାହାନ୍ତି ତାହା କରିବା। ଆମେ ଯୋଜନା ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଈଶ୍ୱରଙ୍କର ଆଜ୍ଞାବହ ହେବା ତା' ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ବେଳେବେଳେ ଆମର ଯୋଜନା ଈଶ୍ୱରଙ୍କ ବାକ୍ୟ ଓ ତାଙ୍କର ଉଦ୍ଦେଶ୍ୟର ଅନୁରୂପ ହୋଇ ନ ଥାଏ। କିନ୍ତୁ, ଆମେ ତାହା ପାଳନ କରିବାକୁ ହେବ!

ଅନେକେ ଅଭାବକୁ ଭୟ କରିଥାନ୍ତି। ସେମାନେ ଭୟ କରିଥାନ୍ତି ଯେ ଈଶ୍ୱରଙ୍କ ଆହ୍ୱାନ ଅନୁସାରେ କାର୍ଯ୍ୟ କଲେ ସେମାନେ ଅଭାବ ଅସୁବିଧା ମଧ୍ୟ ଦେଇ ଗତି କରିବେ। ଯୀଶୁ ଆମକୁ କହନ୍ତି, *"ଈଶ୍ୱରଙ୍କଠାରେ ବିଶ୍ୱାସ ରଖ"* (ମାର୍କ 11:22)। ଈଶ୍ୱର ଆମକୁ ଯୋଗାଇବେ ବୋଲି ପ୍ରତିଜ୍ଞା କରିଛନ୍ତି। ତାହାଙ୍କ ବାକ୍ୟରେ ବିଶ୍ୱାସ ଆମ ହୃଦୟରୁ ଭୟସବୁକୁ ଦୂର କରୁ!

ଅନ୍ୟମାନେ ଲୋକମାନଙ୍କୁ ଭୟ କରନ୍ତି। ଲୋକମାନେ ସେମାନଙ୍କୁ ତାଡ଼ନା କରିପାରନ୍ତି ଏବଂ ଅନ୍ୟ ସେବକମାନେ ମଧ୍ୟ ସେମାନଙ୍କୁ ହଇରାଣ କରିପାରନ୍ତି। ଏଣୁ ସେମାନେ ଅନ୍ୟମାନଙ୍କୁ ଭୟ କରନ୍ତି। ବାଇବଲ କହେ, *"ଲୋକଭୟ ଫାନ୍ଦଜନକ; ମାତ୍ର ସଦାପ୍ରଭୁଙ୍କଠାରେ ଯେ ନିର୍ଭର ରଖେ, ସେ ସୁରକ୍ଷିତ ହେବ"* (ହିତୋପଦେଶ 29:25)। ଈଶ୍ୱରଙ୍କଠାରେ ନିର୍ଭର କରି ଆପଣ ଏହି ଭୟକୁ ଅତିକ୍ରମ କରି ଅଗ୍ରସର ହୋଇପାରିବେ। ସ୍ମରଣ କରନ୍ତୁ, ଯିହୋଶୂୟ ନେତୃତ୍ୱ ନେବାପରେ ଈଶ୍ୱର ତାଙ୍କୁ କ'ଣ କହିଥିଲେ। *"ଆମ୍ଭେ କି ତୁମ୍ଭକୁ ଆଜ୍ଞା ଦେଇ ନାହୁଁ? ବଳବାନ୍ ହୁଅ ଓ ସାହସିକ ହୁଅ; ତ୍ରାସଯୁକ୍ତ ହୁଅ ନାହିଁ, କି ହତାଶ ହୁଅ ନାହିଁ; କାରଣ ତୁମ୍ଭେ ଯେଉଁଆଡ଼େ ଯିବ, ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭର ସଙ୍ଗୀ ହେବେ"* (ଯିହୋଶୂୟ 1:9)। ପ୍ରଭୁଙ୍କଠାରେ ସାହସିକ ହୁଅନ୍ତୁ। ଈଶ୍ୱରଙ୍କଠାରେ ଆପଣଙ୍କର ବିଶ୍ୱାସ ତାହାଙ୍କ ଆହ୍ୱାନର ବାଧ ହେବା ପାଇଁ ଆପଣଙ୍କୁ ମୁକ୍ତ କରୁ!!

୪
ନିଷ୍ପତ୍ତି ଆପଣଙ୍କର

ଈଶ୍ୱରଙ୍କ ସଙ୍ଗେ ଆମର ଚାଲିବାରେ ଏକ ଆଶ୍ଚର୍ଯ୍ୟ ବିଷୟ ଏହି ଯେ ଆମେ ପ୍ରଭୁଙ୍କର ଅନ୍ୱେଷଣ କରିବା ନିମନ୍ତେ ନିଜର ହୃଦୟରେ ନିଷ୍ପତ୍ତି ନେଇ ପାରିବା ଓ ତାହା କରିପାରିବା। ଆମେ ଅନୁତପ୍ତ ହୋଇ ପରିବର୍ତ୍ତିତ ହୋଇପାରିବା। ଆମେ ଈଶ୍ୱରଙ୍କ ସହିତ ଆଗକୁ ଯାଇପାରିବା। ବାସ୍ତବରେ, ଆମେ ତାହା କରିପାରିବା। କିନ୍ତୁ, ଯଦିବା ଆମେ ଭୁଲ ମନୋନୟନ କରିଛୁ ଓ ସାଲିସ କରିଛୁ, ଏବଂ ଅସୁବିଧାରେ ପଡ଼ିଯାଇଛୁ, ପ୍ରଭୁ ଆମକୁ ସେଠାରୁ ବାହାର କରି ଆଣିବାକୁ ସମର୍ଥ ଅଟନ୍ତି। ଗୀତରଚକ କହନ୍ତି, *"ମଧ୍ୟ ସେ ମୋତେ ଭୟଙ୍କର ଗର୍ତ୍ତରୁ ଓ ଦହଲା କାଦୁଅରୁ ଉଠାଇ ଆଣିଲେ ଓ ଶୈଳ ଉପରେ ମୋହର ଚରଣ ରଖିଲେ ଓ ମୋହର ପାଦଗତି ଦୃଢ଼ କଲେ"* (ଗୀତସଂହିତା 40:2)। ଆମ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ଆମ ଜୀବନକୁ ଆମେ ସତ୍ୟତାରେ ଅନୁସନ୍ଧାନ କରିବାକୁ ହେବ ଏବଂ ଆବଶ୍ୟକୀୟ ପରିବର୍ତ୍ତନ ନିମନ୍ତେ ଈଶ୍ୱରଙ୍କର ଶକ୍ତି ଆହରଣ କରିବାକୁ ହେବ।

ଆପଣ କ'ଣ ଆପଣଙ୍କର ଆହ୍ୱାନ ସଙ୍ଗେ ସାଲିସ କରିଛନ୍ତି? ଆପଣ କ'ଣ ସମସ୍ତ ହୃଦୟର ସହିତ ଈଶ୍ୱରଙ୍କ ଆହ୍ୱାନକୁ ଅନୁସରଣ କରନ୍ତି? ଆପଣଙ୍କ ଜୀବନକୁ ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସମ୍ପୂର୍ଣ୍ଣ ସଜାଇ ରଖିବା ନିମନ୍ତେ ଆଜି ଆପଣ କେଉଁସବୁ ପରିବର୍ତ୍ତନ ଆବଶ୍ୟକ କରନ୍ତି?

ଆମକୁ ନିଷ୍ପତ୍ତି ନେବାକୁ ହେବ। ଆମେ ପରିତ୍ରାଣପ୍ରାପ୍ତ ହୋଇ ଜୀବନରେ ଚାଲିପାରିବା, ତଥାପି ସମ୍ପୂର୍ଣ୍ଣ ହୃଦୟର ସହିତ ଈଶ୍ୱରଙ୍କ ଆହ୍ୱାନକୁ ଅନୁସରଣ କରିବା ନାହିଁ। ଆମେ ସ୍ୱର୍ଗକୁ ଯାଇପାରୁ, କିନ୍ତୁ ଅନନ୍ତକାଳକୁ ନେଇଯିବା ନିମନ୍ତେ ଆମ ପାଖରେ କିଛି ନ ଥିବ। ଅନ୍ୟପକ୍ଷରେ, ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ଅନ୍ୱେଷଣ କରିବା ଓ ତାହା ପୂରଣ କରିବାକୁ ଆମେ ଆବଶ୍ୟକୀୟ ପଦକ୍ଷେପ ନେଇ ପାରିବା। ତଥାପି ଆମେ ଯଦି ସ୍ୱର୍ଗକୁ ଯାଉ ସେଠାରେ ଆମର କାର୍ଯ୍ୟସବୁ ଅଗ୍ନିରେ ପରୀକ୍ଷିତ ହେବ ଏବଂ ଆମର ଫଳ ଅନନ୍ତକାଳ ପର୍ଯ୍ୟନ୍ତ ଚିରସ୍ଥାୟୀ ହେବ।

ପ୍ରେରିତ ପାଉଲ ତୀମଥିଙ୍କୁ ଉପଦେଶ ଦେଇ କହନ୍ତି, *"ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର"* (2 ତୀମଥି 2:15)। ଈଶ୍ୱରଙ୍କ ନିକଟରେ ପରୀକ୍ଷାସିଦ୍ଧ ଜଣେ କାର୍ଯ୍ୟକାରୀ ହେବା ପାଇଁ ଆମେ ଚେଷ୍ଟିତ ହେବା ଆବଶ୍ୟକ ଓ ସେଥିପାଇଁ ଆମେ ଲଜ୍ଜାବୋଧ ନ କରିବା ଉଚିତ। ଈଶ୍ୱରଙ୍କ ଆହ୍ୱାନ ପୂରଣ କରିବା ଦିଗରେ ପ୍ରସ୍ତୁତ ହେବାପାଇଁ ସମୟ ଓ ଚେଷ୍ଟାର ଆବଶ୍ୟକତା ରହିଛି। ଅନେକ ତ୍ୟାଗ ଓ ଆହ୍ୱାନ ଏଥିରେ ରହିଛି। କିନ୍ତୁ ଆମେ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ।

ଏହି ଅନ୍ତିମ ଘଡ଼ିରେ, ଈଶ୍ୱର ଏପରି ଲୋକମାନଙ୍କୁ ଚାହାନ୍ତି ଯେଉଁମାନେ ଶତ ପ୍ରତିଶତ ତାଙ୍କର ଆହ୍ୱାନ ପ୍ରତି ସମର୍ପିତ ରହିବେ। ସେ ଏପରି ଲୋକଙ୍କୁ ଚାହାନ୍ତି ଯେଉଁମାନେ ତାଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ବିକ୍ରି କରିଦିଅନ୍ତି—ଯେଉଁମାନେ କେବେ ସାଲିସ କରନ୍ତି ନାହିଁ।

ପ୍ରେରିତ ପାଉଲଙ୍କ ଏହି ଉକ୍ତି ଆପଣଙ୍କୁ ଉତ୍ସାହିତ କରିବ।

ଫିଲିପ୍ପୀୟ 3:12-14

12 ମୁଁ ଯେ ଏବେ ସେହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧ ଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରି ରଖିବାପାଇଁ ଦୌଡୁଅଛି।

13 ହେ ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁନାହିଁ, କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି,

14 ପଶ୍ଚାତ୍ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡୁଅଛି" ।

ଯେଉଁଥି ପାଇଁ ଆପଣ *"ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ଧୃତ ହୋଇଛନ୍ତି ତାହା ଧରିବା"* (ଫିଲିପ୍ପୀୟ 3:12) ପାଇଁ ଦୌଡ଼ନ୍ତୁ। ଆପଣଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ଦୌଡ଼ନ୍ତୁ। ଚେଷ୍ଟାକରିବାକୁ ହେବ, କିନ୍ତୁ ଏହାର ମୂଲ୍ୟ ରହିଛି। ଆପଣଙ୍କ ଜୀବନ ନିମନ୍ତେ ରହିଥିବା ଈଶ୍ୱରଙ୍କ ଆହ୍ୱାନ ସଙ୍ଗେ ସାଲିସ କରନ୍ତୁ ନାହିଁ !!

ଆପଣ ଈଶ୍ୱରଙ୍କୁ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାରେ ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୁଟିକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୁଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ଼ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ ଇଚ୍ଛା କରନ୍ତି ।

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମ ଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କ ଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । କୃଶରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କ ଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ,***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** (ରୋମୀୟ 6:23)। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି। ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ନ ହୁଅନ୍ତୁ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ" **(ପ୍ରେରିତ 10:43) ।**

"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ ମଧ୍ୟ ନିଜ ଶବ୍ଦଗୁଡିକରେ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁଁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।

ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ ପୁନର୍ଜୀବିତ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୁଁ ଜାଣେ ନିଜକୁ ମୋର ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ

ମୋର ପାପଗୁଡିକ ନିମନ୍ତେ କ୍ଷମା ଅର୍ଜ୍ଜନ କରିପାରିବି ନାହିଁ ।

ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜ୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।

ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।

ଆମେନ୍ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡ଼ିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ, ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସୀଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡ଼ିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡ଼ିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ଅଞ୍ଚଳରେ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୃଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡ଼ିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

ମାଗଣା ପ୍ରକାଶନଗୁଡ଼ିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word—The Miracle Seed
How to Help Your Pastor
Integrity
Interpreting Scripture
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses—Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work—Its Original Design

ନୂଆ ବହିଗୁଡ଼ିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି apcwo.org/books ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡ଼ିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡ଼ିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ apcwo.org/sermons ୱେବସାଇଟ ଦେଖନ୍ତୁ ।

ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତା ମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ସ୍ୱାନ୍ତନାପୂର୍ଣ୍ଣ ବିଶେଷ ଗୁଡ଼ିକ ନିମନ୍ତେ ଅଟେ ।

- **କିଶୋରବସ୍ଥା**
- **ବ୍ୟକ୍ତିଗତ ସମନ୍ୱୟ**
- **ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
- **ପାଠପଢ଼ାରେ ଅସଫଳ**
- **କାର୍ଯ୍ୟ ସମ୍ବନ୍ଧୀୟ**
- **ପରିବାର / ଦମ୍ପତି: ବିବାହ ପୂର୍ବରୁ/ ବିବାହ ପରେ ସମସ୍ୟା**
- **ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
- **ଆଚରଣଗତ ବ୍ୟାଧି**
- **ବ୍ୟକ୍ତିତ୍ୱ ବ୍ୟାଧି**
- **ମାନସିକ / ଭାବପ୍ରବଣ ସମସ୍ୟା**
- **ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
- **ନିଶା ସେବନ / ମଦ ନିଶାଗ୍ରସ୍ତ**
- **ଆତ୍ମିକ ସମସ୍ୟା**
- **ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

ୱେବ୍ସାଇଟ: **chrysalislife.org**
ଫୋନ ନମ୍ବର: +91-80-25452617 କିମ୍ବା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ) 1-800-300-00998
ଇମେଲ: **counselor@chrysalislife.org**

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ, ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଚ୍ଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

ଆକାଉଣ୍ଟ ନାମ: All Peoples Church
ଆକାଉଣ୍ଟ ନମ୍ବର: 50200068829058
IFSC କୋଡ୍: HDFC0004367
ବ୍ୟାଙ୍କ: HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

ବିଶେଷ ସଂକ୍ଷିପ୍ତ ବିବରଣୀ: *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ:* apcwo.org/give.

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।


ଆପଣଙ୍କୁ ଧନ୍ୟବାଦ ଓ ଈଶ୍ୱର ଆଶୀର୍ବାଦ କରନ୍ତୁ!

DOWNLOAD THE FREE APP!

Search for
"All Peoples Church Bangalore"
in the App or Google play stores.

Available on the App Store

ANDROID APP ON Google play





A daily 5-minute video devotional.
A daily Bible reading and prayer guide.
5-minute Sermon summary.
Toolkit with Scriptures on various topics to build faith and information to share the Gospel.
Resources with sermons, sermon notes, TV programs, books, music and more.

IF YOU LOVE IT, TELL OTHERS ABOUT IT!

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ୱରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ୱରୀୟ ଚରିତ୍ର, ଈଶ୍ୱରଙ୍କ ବାକ୍ୟର ଗଭୀରତା, ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ୱ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ୱାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

ଅନଲାଇନ ଆବେଦନ କରିବା ନିମନ୍ତେ, ଏବଂ କଲେଜ, ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**

ଆପଣ "ବଡ଼" ବା "ଛୋଟ" କାର୍ଯ୍ୟ କରିବାକୁ ଆହ୍ୱାନ ପାଇଛନ୍ତି। ଆପଣ ତାହା ସମ୍ପାଦନ କରିବାବେଳେ ଅନେକ ବାଧାବିଘ୍ନର ସାମ୍ନା କରିବେ, ଯଦ୍ଦ୍ୱାରା ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା

ହୁଏତ ସମ୍ଭବ ହୋଇ ନ ପାରେ। ହୁଏତ ଆପଣଙ୍କର ଚିତ୍ତବିକ୍ଷେପ ଘଟିବ, ଏବଂ ଆପଣ ଦୈନନ୍ଦିନ ଜୀବନର ବ୍ୟାପାରସବୁରେ ବ୍ୟସ୍ତ ରହିବେ କିଅବା ବ୍ୟକ୍ତିଗତ ସଫଳତା, ଧନସମ୍ପତ୍ତି ବା ଅନ୍ୟାନ୍ୟ ଲକ୍ଷ୍ୟହାସଲ କରିବା ଦିଗରେ ଶକ୍ତିର ବିନିଯୋଗ କରିବେ। ପବିତ୍ର ଆତ୍ମାଙ୍କଠାରୁ ଆପଣ ଯେଉଁସବୁ ସ୍ୱପ୍ନ ଓ ଦର୍ଶନ ପ୍ରାପ୍ତ ହୋଇଛନ୍ତି ସେସବୁକୁ ହୁଏତ ଆପଣ ଉପେକ୍ଷା କରି ଚାଲିଛନ୍ତି।

ଏହି ପୁସ୍ତକ ଆପଣଙ୍କୁ ପୁନଃପ୍ରଜ୍ୱଳିତ କରିବା ଦିଗରେ ସାହାଯ୍ୟ କରିବ। ଆପଣଙ୍କ ପ୍ରତି ରହିଥିବା ଫାନ୍ଦସବୁ ବିଷୟରେ ମଧ୍ୟ ଏଠାରେ କୁହାଯାଇଛି। ଉତ୍ତମ ଯୁଦ୍ଧରେ ପ୍ରାଣପଣ କରନ୍ତୁ ଓ ଗନ୍ତବ୍ୟ ପଥରେ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଦୌଡ଼ନ୍ତୁ।

All Peoples Church & World Outreach
319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org